# ପ୍ରଫେସର ସୁରେନ୍ଦ୍ର ନାଥ ମିଶ୍ର

ଜନ୍ମ- ୧୯୪୪ ମସିହା

ଅଧ୍ୟାପନା ଓ ଗବେଷଣାରେ ଦୀର୍ଘ ଛବିଶ ବର୍ଷ ଅତିବାହିତ କରି ୨୦୦୪ ମସିହାରେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ସେ ଜାତୀୟ ଓ ରାଜ୍ୟ ସ୍ତରରେ ଅନେକ ଗୁଡ଼ିଏ ପ୍ରକଳ୍ପ ଅନୁଧ୍ୟାନ କରିଛନ୍ତି ଯାହା ସର୍ବ ଭାରତୀୟ ସ୍ତରରେ ଆଦୃତ ହୋଇଛି ଏବଂ ପ୍ରକାଶିତ ହୋଇଛି ।

**ତୀର୍ଥାନୁଭୂତି ,** ପୃଷ୍ଠା-୩୨୦, ପ୍ରକାଶକାଳ-୨୦୧୧, ପ୍ରଥମ ସଂସ୍କରଣ-୨୦୧୧, ମୂଲ୍ୟ:୨୫୦ ଟଙ୍କା ।

ତୀର୍ଥାନୁଭୂତି ପୁସ୍ତକଟି ଲେଖକଙ୍କ ନିଜସ୍ୱ ଅନୁଭୂତିର ନିଛକ ନିଦର୍ଶନ । ଉକ୍ତ ପୁସ୍ତକରେ ମୋଟ ୧୦ଟି ତୀର୍ଥ ସ୍ଥାନ ଯଥା; ହରିଦ୍ୱାର, ବଦ୍ରିନାଥ, ବୃନ୍ଦାବନ, ବାରାଣସି, ତ୍ରିବେଣୀ ସଂଗମ, ଶ୍ରୀ ଜଗନ୍ନାଥ ଧାମ, ବୈଷ୍ଣୋଦେବୀ, କୁରୁକ୍ଷେତ୍ର, ଆଜମେର ଓ ପୁଷ୍କର ଏବଂ ସତ୍ୟସାଇ ଧାମ ଇତ୍ୟାଦି ବିଷଦ ଭାବେ ଆଲୋଚନା କରାଯାଇଛି ଯାହା ଲେଖକ ନିଜେ ସେ ସବୁ ସ୍ଥାନ ଭ୍ରମଣ କରି ପ୍ରତ୍ୟକ୍ଷ ଅନୁଭୂତି ସଂଗ୍ରହ କରିଛନ୍ତି । ତୀର୍ଥସ୍ଥାନ ମାନଙ୍କରେ ଥିବା ମନ୍ଦିର, ଦର୍ଶନୀୟ ସ୍ଥାନ, ମନ୍ଦିର ମଧ୍ୟରେ ପ୍ରଚଳିତ ରୀତି ନୀତି ଓ ଭୋଗ ଆଦି ବିଷୟରେ ବିଷଦ ଭାବେ ଆଲୋଚନା କରାଯାଇଛି ।